# ଘରୋଇକରଣ ଓ ଅଙ୍ଗୀକାରଶୂନ୍ୟତା:
# ସହରାଞ୍ଚଳ ପୋଲିସ୍ କମିଶନରେଟ୍ ବିଲ୍‌ର ପ୍ରଧାନ ବୈଶିଷ୍ଟ୍ୟ

## ଉପକ୍ରମଣିକା

ଗତ ନଭେମ୍ବର ୧୧, ୨୦୦୩ ରେ ଓଡିଶା ସହରାଞ୍ଚଳ ପୋଲିସ୍ କମିଶନରେଟ୍ ବିଲ୍–୨୦୦୩ ବିଧାନସଭାରେ ସୁଦୀର୍ଘ ଆଲୋଚନା ପରେ ଗୃହୀତ ହୋଇଯାଇଛି, ଏବଂ ବର୍ତ୍ତମାନ ରାଜ୍ୟପାଳଙ୍କ ଅନୁମୋଦନକୁ ଅପେକ୍ଷା କରୁଛି । ଅକ୍ଟୋବର ୨୩, ୨୦୦୩ରେ ଓଡିଶା ଗେଜେଟ୍‌ରେ ପ୍ରକାଶ ପାଇଥିବା ଏହି ବିଧେୟକର ପୂର୍ବାଭାସରେ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ତେରଜଣିଆ Select Committeeର ପ୍ରତିନିଧିମାନେ ଦେଶର ତିନୋଟି ବିଶିଷ୍ଟ ମହାନଗରୀ ଯଥା ମୁମ୍ବାଇ, ହାଇଦ୍ରାବାଦ ଓ ଦିଲ୍ଲୀ ପରିଦର୍ଶନ କରି ସେଠିକାର ପୋଲିସ୍ କମିଶନରେଟ୍ ବ୍ୟବସ୍ଥା ଅନୁଧ୍ୟାନ କଲାପରେ ଏହି ବିଲ୍‌କୁ ସାମାନ୍ୟ ସଂଶୋଧନ କରି ଗୃହରେ ଉପସ୍ଥାପନା ଓ ଆଲୋଚନା ପାଇଁ ସୁପାରିଶ୍ କରିଥିଲେ । କିନ୍ତୁ ସେମାନେ ଉପରୋକ୍ତ ମହାନଗରୀ ମାନଙ୍କରେ କି ପ୍ରକାର ବ୍ୟବସ୍ଥା ଦେଖିଲେ, ତାହା ସମ୍ବନ୍ଧରେ କିଛି ସୂଚନା ଦେଇନଥିବାରୁ, ସେହି ମହାନଗରୀମାନଙ୍କ ସହିତ ସୂଚିତ ଓଡିଶା ବିଧେୟକର ତୁଳନାତ୍ମକ ବିଚାର କରିବାର ଅବକାଶ ନାହିଁ ।

ଏହି ବିଧେୟକରେ ମୋଟ୍ ଦଶଟି ପରିଛେଦ ବା Chapters ରହିଛି । ଯଥା, ୧- ପ୍ରାଥମିକ ସୂଚନା, ୨- ପୋଲିସ୍‌ର ସଂଗଠନ, ତତ୍ତ୍ୱାବଧାନ ଏବଂ ନିୟନ୍ତ୍ରଣ, ୩- ପୋଲିସ୍‌ର କର୍ତ୍ତବ୍ୟ, କ୍ଷମତା ଓ ଦାୟିତ୍ୱ, ୪- ପୋଲିସ୍‌ର ନିୟମ, ନିୟନ୍ତ୍ରଣ ଓ ଶୃଙ୍ଖଳା, ୫- ପୋଲିସ୍ ପାଇଁ ନିୟମାବଳୀ, ୬- ସର୍ବସାଧାରଣ ଶାନ୍ତି ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ, ୭- ଅନ୍ୟାନ୍ୟ ଆଇନ୍ ଅନୁଯାୟୀ କମିଶନର୍‌ଙ୍କ କ୍ଷମତାସମୂହ, ୮- ଯେଉଁ ସମ୍ପତ୍ତି ଉପରେ କେହି ଦାବୀଦାର ନାହାନ୍ତି, ସେ ସମ୍ବନ୍ଧୀୟ କ୍ଷମତା, ୯- ଅପରାଧ ଓ ଦଣ୍ଡବିଧାନ, ଏବଂ ୧୦- ଆନୁଷଙ୍ଗିକ (Miscellaneous ) । ମୋଟ୍ ୧୩୨ଟି ଧାରା (Sections ) ବିଶିଷ୍ଟ ଏହି ବିଧେୟକର ପରିଶିଷ୍ଟରେ ୨ଟି ଅନୁଭାଗ ( Part –I and Part –II ) ରହିଛି; ପ୍ରଥମଟିରେ ୨୧ଟି କେନ୍ଦ୍ରୀୟ ଆଇନ୍ (Central Acts) ଓ ଦ୍ୱିତୀୟଟିରେ ୬ଟି ପ୍ରାଦେଶିକ ଆଇନ୍ (State Acts) ର ଅବତାରଣା କରାଯାଇଛି, ଯେଉଁଗୁଡିକ ସହ ସଂଗତି ରଖି ପ୍ରସ୍ତାବିତ କମିଶନରେଟ୍ ଆଇନ୍ କାର୍ଯ୍ୟକାରୀ ହେବ ।

ମୋଟ୍ ଉପରେ ଦେଖିଲେ, ଏହି ବିଲ୍ ଦେଶର ବା ଆମ ରାଜ୍ୟର ଅନ୍ୟ ସମସ୍ତ ପୋଲିସ୍ ଆଇନ୍‌ଠାରୁ ମୌଳିକ ଭାବେ ଭିନ୍ନ ନୁହେଁ । ୧୮୬୧ ପୋଲିସ୍ ଆଇନ୍, ଯାହା ଉପରେ ପ୍ରତିଷ୍ଠିତ ପୋଲିସ୍ ବ୍ୟବସ୍ଥାର ଢାଞ୍ଚା ଓ ଦୈନନ୍ଦିନ କାର୍ଯ୍ୟପଦ୍ଧତି ବ୍ରିଟିଶ୍ ଅମଳରୁ ପରଚାଳିତ ହୋଇଆସୁଛି, ତାହାରି ପରିସର ଓ କର୍ତ୍ତୃତ୍ୱ ମଧ୍ୟରେ ସଦ୍ୟଗୃହୀତ ବିଧେୟକଟି ଯେ ପୁରାପୁରି ପରିଚାଳିତ ହେବ, ତାହା ଏହି ବିଲ୍‌ଟିରେ ଏକାଧିକ ଜାଗାରେ ପରିଷ୍କାର କରି ଦିଆଯାଇଛି । କିନ୍ତୁ ସମୟକ୍ରମେ ବିଭିନ୍ନ ନୂଆ ନୂଆ ସମସ୍ୟା, ଜଞ୍ଜାଳ ଓ ସଂକଟରେ ପଡି ପୋଲିସ୍ ବ୍ୟବସ୍ଥା କ୍ରମାଗତ ଭାବେ ଜନସାଧାରଣଙ୍କର ଆସ୍ଥା ହରାଇବାକୁ ବସିଥିବା ବେଳେ, ପୋଲିସ୍ ଭାବମୂର୍ତ୍ତିର ନବୀକରଣ ଓ ପୁନରୁଦ୍ଧାର ପାଇଁ ନୂଆ ନୂଆ ଢଙ୍ଗର ଆଇନ୍‌ଗତ ଓ ପ୍ରଶାସନିକ ସଂସ୍କାର ଆଣିବାକୁ ସରକାର ବାଧ୍ୟ ହେଉଛି । ସୂଚୀତ ବିଧେୟକଟି ଏହି ସଂସ୍କାର ପ୍ରକ୍ରିୟାର ଅବଶ୍ୟମ୍ଭାବୀ ଫଳଶ୍ରୁତି, ଏଥିରେ ସନ୍ଦେହ ନାହିଁ ।

## ପୋଲିସ୍ ସେବାର ଘରୋଇକରଣ

ଦେଶସାରା ଅର୍ଥନୈତିକ ଉଦାରୀକରଣ ତଥା ସରକାରୀ ସେବାର ଘରୋଇକରଣର ଯେଉଁ ପ୍ରବାହ ଗତ ୯୦ ଦଶନ୍ଧିର ଆଦ୍ୟଭାଗରୁ ବହୁଛି, ଏହି ବିଲ୍‌ଟି ତାହା ଦ୍ୱାରା ବହୁଳଭାବେ ପ୍ରଭାବିତ । ଆମର ଜନମଙ୍ଗଳ ରାଷ୍ଟ୍ରରେ ଆଗେ ପୋଲିସ୍ ସେବା ପାଇଁ ଲୋକମାନଙ୍କୁ ଆଇନତଃ କୌଣସି ପାଉଣା ଦେବାକୁ ପଡୁନଥିଲା । କିନ୍ତୁ ଏହି ବିଲ୍‌ରେ ଏପରି କେତେସବୁ ବ୍ୟବସ୍ଥା ଅଛି, ଯଦ୍ୱାରା ଗୋଟିଏ ଅଞ୍ଚଳର ଲୋକେ କୌଣସି ପୋଲିସ୍ ସେବା ପାଇବାକୁ ହେଲେ ପ୍ରଥମେ ଆବଶ୍ୟକୀୟ ଅର୍ଥ ପଇଠ କରିବେ । ଏ ପ୍ରକାର ନୂଆ ବ୍ୟବସ୍ଥାର ଏକ ସମ୍ଭାବ୍ୟ ଭଲ ଦିଗ ହେଉଛି, ଲୋକମାନେ ପଇସା ଦେଲେ ଉପଯୁକ୍ତ ସେବା ପାଇବାପାଇଁ ସଜାଗ ଓ ସୋଚ୍ଚାର ରହିବେ, ଏବଂ ତାହା ନ ମିଳିଲେ ସେମାନେ ପ୍ରତିବାଦ କରିବେ । କିନ୍ତୁ ପୁଣି ଏକ ଆଶଙ୍କା ରହିଛି ଯେ, ସମାଜର କେବଳ ବିତ୍ତଶାଳୀ ବ୍ୟକ୍ତି ଓ ଗୋଷ୍ଠୀ ପୋଲିସ୍ ସେବାର ସର୍ବାଧିକ ଉପଯୋଗ କରିପାରିବେ, କିନ୍ତୁ ଗରୀବ ଓ ତଳସ୍ତରର ଲୋକମାନେ ପୋଲିସ୍ ସେବାରୁ ବଞ୍ଚିତ ହେବେ ।

ବିଲ୍‌ର ଧାରା ୧୪ ଅନୁଯାୟୀ ପୋଲିସ୍ କମିଶନର୍ ଯେ କୌଣସି ନାଗରିକଙ୍କ ଆବେଦନ କ୍ରମେ ଜଣେ ଘରୋଇ ବ୍ୟକ୍ତିଙ୍କୁ ସହକାରୀ ପୋଲିସ୍ କମିଶନର୍ ଭାବେ ସାମୟିକ ଭାବେ ଲଗାତାର ୩ମାସ ପାଇଁ ନିଯୁକ୍ତ କରିପାରନ୍ତି । କିନ୍ତୁ ଏପରି ନିଯୁକ୍ତି ପାଇଁ ଯାହାକିଛି ଖର୍ଚ୍ଚ ହେବ, ତାହାକୁ ଆବେଦନକାରୀ ବ୍ୟକ୍ତି ହିଁ ଆଗତୁରା ପୋଲିସ୍ ପାଖରେ ପଇଠ କରିବେ ।

ପୁଣି ଧାରା ୩୬ରେ କୁହାଯାଇଛି ଯେ, ଯେ କୌଣସି ନାଗରିକଙ୍କ ଆବେଦନକୁ ଭିତ୍ତିକରି ପୋଲିସ୍ କମିଶନର୍ ଗୋଟିଏ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ବା ଆଇନ୍‌ର କାର୍ଯ୍ୟକାରିତା ପାଇଁ ଅନିର୍ଦ୍ଦିଷ୍ଟ କାଳପାଇଁ ଅତିରିକ୍ତ ପୋଲିସ୍ ବାହିନୀ ମୁତୟନ କରିପାରନ୍ତି । କିନ୍ତୁ ଏହି ମୁତୟନ ପାଇଁ ଆବଶ୍ୟକୀୟ ଖର୍ଚ୍ଚର

ହିସାବ ପୋଲିସ୍ କମିଶନର କରିବେ, ଏବଂ ତଦନୁଯାୟୀ ଏହାକୁ ପଇଠ କରିବେ ଆବେଦନକାରୀ ନାଗରିକ ନିଜେ । ଯଦି ହିସାବକୁ କେନ୍ଦ୍ରକରି ପୋଲିସ୍ କମିଶନର୍ ଓ ଆବେଦନକାରୀ ନାଗରିକଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦିଏ, ତେବେ ତାହା ରାଜ୍ୟ ସରକାର ବା ତାଙ୍କର ମନୋନୀତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୀମାଂସା ହେବ ।

ଧାରା ୩୮ ଅନୁଯାୟୀ ସରକାରଙ୍କ ମତରେ, ଯଦି ଏକ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ବ୍ୟାହତ ହୋଇ ପଡିଛି, ତେବେ ସେ ଅଞ୍ଚଳକୁ ଉପଦ୍ରୁତ ଅଞ୍ଚଳ ( Disturbed Area) ବୋଲି ଘୋଷଣା କରାଯିବ, ଏବଂ ସେଠାରେ କମିଶନର୍ ଆବଶ୍ୟକସଂଖ୍ୟକ ପୋଲିସ୍ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳପାଇଁ ନିଯୁକ୍ତ କରିବେ । ଏହି ପୋଲିସ୍ ନିଯୁକ୍ତି ପାଇଁ ଯେଉଁ ଖର୍ଚ୍ଚ ଦରକାର ପଡିବ, ତାହା ଜିଲ୍ଲାପାଳଙ୍କ ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆଦାୟ କରାଯିବ ।

ସେହିପରି ଧାରା ୩୯ ଅନୁଯାୟୀ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ବା ନିର୍ମାଣ ପ୍ରକଳ୍ପର ସୁଚାରୁ ସଂପାଦନା ପାଇଁ କମିଶନର୍ ଆବଶ୍ୟକ ମୁତାବକ ପୋଲିସ୍ ମୁତୟନ କରି ପାରିବେ, କିନ୍ତୁ ସେଥିପାଇଁ ଆବଶୟକୀୟ ଖର୍ଚ୍ଚ ସଂଶ୍ଳିଷ୍ଟ କାର୍ଯ୍ୟକ୍ରମ ବା ପ୍ରକଳ୍ପର କର୍ମକର୍ତ୍ତାଙ୍କୁ ବହନ କରିବାକୁ ପଡିବ ।

ଧାରା ୪୦ ଅନୁଯାୟୀ ଯଦି ଏକ ଉପଦ୍ରୁତ ଅଞ୍ଚଳରେ କୌଣସି ବେଆଇନ୍ କାର୍ଯ୍ୟ ଫଳରେ କାହାରି ମୃତ୍ୟୁ ବା ସାଂଘାତିକ ଆଘାତ ଘଟେ, ତେବେ ସେ ବ୍ୟକ୍ତିକୁ କ୍ଷତି ପୂରଣ ଦେବାକୁ ସେ ଅଞ୍ଚଳର ବାସିନ୍ଦାମାନଙ୍କୁ କୁହାଯିବ । କ୍ଷତିପୂରଣର ପରିମାଣକୁ ନେଇ କୌଣସି ବିବାଦ ଉପୁଜିଲେ, ତାହା ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଚୂଡାନ୍ତଭାବେ ଫଇସଲା କରିବେ ।

ଧାରା ୪୪ ଅନୁଯାୟୀ, ଉପରୋକ୍ତ ଧାରା ୩୮ ବା ଧାରା ୪୦ର ଅନ୍ତର୍ଗତ କ୍ଷତିପୂରଣ ଟଙ୍କା ସଂଶ୍ଳିଷ୍ଟ ଲୋକମାନଙ୍କ ପାଖରୁ ଆଦାୟ କରାଯିବ, ଠିକ୍ ଯେମିତି ଫୌଜଦାରୀ ସଂହିତା ୧୯୭୩ର ଧାରା ୪୨୧ ଓ ୪୨୨ ଅନୁଯାୟୀ କୋର୍ଟ ରାୟ ଭିତ୍ତିରେ ଲୋକମାନଙ୍କ ପାଖରୁ ଜୋରମାନା ଆଦାୟ କରାଯାଇଥାଏ ।

## ନାଗରିକ ସ୍ୱାର୍ଥପ୍ରତି ଅଙ୍ଗୀକାରବଦ୍ଧତାରେ ଅସ୍ପଷ୍ଟତା

ଆମେ ଦେଖିଲେ ଯେ, ବିଲ୍‌ଟି ଗୋଟିଏ ପଟରେ ପୋଲିସ୍ ସେବାର ଘରୋଇକରଣ (Privatisation of Police Services)ର ଆଭିମୁଖ୍ୟ ଖୋଲାଖୋଲି ଭାବେ ଗ୍ରହଣ କରିଛି । ଅନ୍ୟ ପଟରେ ନାଗରିକ ଓ ସର୍ବସାଧାରଣ ସ୍ୱାର୍ଥରେ ପ୍ରସ୍ତାବିତ ସଂସ୍କାରମାନ ଅଣାଯାଉଛି ବୋଲି ବିଭିନ୍ନ ପରିଭାଷାରେ ଏହି ବିଲ୍‌ରେ କୁହା ଯାଇଥିଲେ ହେଁ, ବିଲ୍ ବାସ୍ତବରେ ଜନସ୍ୱାର୍ଥ ପ୍ରତି ନିଜର ସୁନିର୍ଦ୍ଦିଷ୍ଟ ଅଙ୍ଗୀକାରବଦ୍ଧତାକୁ ଅତି ସୂକ୍ଷ୍ମଭାବେ ଏଡାଇ ଯାଇଛି । Chapter III ( Duties, Powers and Responsibilities of Police) ଅନ୍ତର୍ଗତ ଧାରା ୧୬ ଅଧୀନରେ ୨୨ଟି, ଧାରା ୧୭ ଅଧୀନରେ ୧୧ଟି ଏବଂ ଧାରା ୧୮ ଅଧୀନରେ ୫ଟି ଭିନ୍ନ ଭିନ୍ନ ପୋଲିସ୍ କର୍ତ୍ତବ୍ୟର ଅବତାରଣା କରାଯାଇଛି । ସର୍ବସାଧାରଣ ଶାନ୍ତି, ସମାଜର ନିରାପତ୍ତା, ଅପରାଧର ତଦନ୍ତ ଓ ନିରାକରଣ, ରାସ୍ତାର ଟ୍ରାଫିକ୍ ନିୟନ୍ତ୍ରଣ, ବ୍ୟକ୍ତି ଜୀବନକୁ ସୁରକ୍ଷା ପ୍ରଦାନ ଇତ୍ୟାଦି ପୋଲିସ୍‌ର ଯାବତୀୟ କର୍ତ୍ତବ୍ୟଗୁଡିକର ଉଲ୍ଲେଖ ଏହି ବିଲ୍‌ରେ ପୁଣି ଦୋହରାଯାଇଛି । କିନ୍ତୁ କେଉଁଠି ହେଲେ ନିର୍ଦ୍ଦିଷ୍ଟଭାବେ କୁହାଯାଇନି, ଯଦି କେହି ପୋଲିସ୍ କର୍ମଚାରୀ ଏସବୁ କର୍ତ୍ତବ୍ୟରେ ଖିଲାପ୍ କରେ, ତେବେ ତାଙ୍କ ପ୍ରତି କି ପ୍ରକାର ଦଣ୍ଡବିଧାନ କରାଯିବ ? ପୁଣି ଜଣେ ନାଗରିକ ପୋଲିସ୍ ସେବା ପାଇଁ ଆବେଦନ କଲେ, ତାଙ୍କୁ କେତେଦିନ ଭିତରେ ସେ ସେବା ମିଳିବ, ତହିଁର ଉଲ୍ଲେଖ ନାହିଁ । ସୂଚନାର ସ୍ୱାଧୀନତା ଆଇନ୍ ୨୦୦୨ ଗତ ଏକ ବର୍ଷଧରି ଦେଶରେ ଲାଗୁ ହୋଇଥିଲେ ହେଁ, ସୂଚିତ ବିଲ୍‌ରେ ଏହାର ପ୍ରଭାବ ମୋଟେ ପରିଲକ୍ଷିତ ହୁଏନାହିଁ । ସର୍ବୋପରି ପୋଲିସ୍‌ର କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବର୍ଣ୍ଣନା କଲାବେଳେ ଏପରି କେତେଗୁଡିଏ ଶବ୍ଦ ବ୍ୟବହୃତ ହୋଇଛି, ଯେଉଁଗୁଡିକର ଆଇନ୍ ଚକ୍ଷୁରେ ମୋଟେ ବ୍ୟାବାହାରିକ ତାତ୍ପର୍ଯ୍ୟ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, Section 16 ( xvii) ରେ କହାଯାଇଛି ଯେ, ଜଣେ ଗିରଫ ହୋଇଥିବା ବା ହାଜତରେ ଥିବା ବ୍ୟକ୍ତି ଯଦି ଅସୁସ୍ଥ ବା ଆହତ ହୋଇଥାନ୍ତି, ତେବେ ତାଙ୍କୁ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେବାପାଇଁ ପୋଲିସ୍ ତୁରନ୍ତ ପଦକ୍ଷେପ ବା Prompt Measures ନେବେ । ପ୍ରଶ୍ନ ଉଠେ, ଯଦି ଘଣ୍ଟା, ଦିନ ଇତ୍ୟାଦି ଆକାରରେ 'ତୁରନ୍ତ' ଶବ୍ଦକୁ ପ୍ରକାଶ କରାନଯାଏ, ତେବେ 'ତୁରନ୍ତ' ବୋଇଲେ ଏକ ଘଣ୍ଟା ହୋଇପାରେ ବା ଏପରିକି ଏକ ସପ୍ତାହ ହୋଇପାରେ ।

## କଣ କରିବାକୁ ହେବ ?

ଓଡିଶା ସହରାଞ୍ଚଳ ପୋଲିସ୍ ବିଲ୍ ୨୦୦୨ ଆଇନ୍‌ରେ ପରିଣତ ହୋଇଥିଲେହେଁ, ଏହା ଏପର୍ଯ୍ୟନ୍ତ ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିନାହିଁ । ପୁଣି ତାହାପରେ ଏହାର ନିୟମାବଳୀ (Rules) ତିଆରି ହେବାପାଇଁ ବେଶ୍ କିଛି ସମୟ ଲାଗିବ । ସୁତରାଂ ବିଭିନ୍ନ ସ୍ତରରେ ଜନବିତର୍କ ଜରିଆରେ ଗୃହୀତ ଆଇନ୍‌ର ସମସ୍ତ ଧାରାକୁ ଓ ଦିଗକୁ ଚିକିନିଖି ତର୍ଜ୍ଜମା କରାଯାଉ ଏବଂ ଗଣମାଧ୍ୟମରେ ପ୍ରକାଶ କରାଯାଉ । ବିଲ୍‌ର ଯେଉଁସବୁ ବ୍ୟବସ୍ଥାଗୁଡିକ ଜନସ୍ୱାର୍ଥ ଦୃଷ୍ଟିରୁ ଅସଙ୍ଗତ ବା ଅବାସ୍ତବ ବା ଅସ୍ପଷ୍ଟ ମନେ ହେଉଛି, ସେଗୁଡିକର ବିକଳ୍ପ କଣ ହୋଇପାରେ, ସେବିଷୟରେ ସୁନିର୍ଦ୍ଦିଷ୍ଟ ଭାବେ ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ୍ ଆକାରରେ ଜଣାଯାଉ, ଯାହା ଫଳରେ ନିୟମାବଳୀର ପ୍ରଣୟନ ଯଥାସମ୍ଭବ ତ୍ରୁଟିମୁକ୍ତ ହୋଇପାରିବ ।

**Chitta Behera, 4A, Jubilee Tower, Choudhury Bazaar, Cuttack-9, Email:** chittabehera@rediffmail.com, **Ph: 0671-2623518**